# ବିଜୟ ଚୈଡ଼ ପୋଦ୍ରା

## ବନାମ

## ରାଜ୍ୟ

1951
ଡିସେମ୍ବର 14

[ସୈୟଦ୍ ଫଜଲ୍ ଅଲ୍ଲୀ ଏବଂ ଭିଭିଆନ୍ ବୋଷ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ପ୍ରକ୍ରିୟା ସଂହିତା (1898ର ଅଧିନିୟମ V), ଧାରା ଗୁଡ଼ିକ 237, 342 - ଭାରତୀୟ ପିଙ୍ଗଳ ସଂହିତା (1860ର XLV), ଧାରା ଗୁଡ଼ିକ 307, 326 - ଧାରା 307 ଅନୁଯାୟୀ ଦୋଷାରୋପ - ଧାରା 326 ଅନୁଯାୟୀ ଦୋଷସିଦ୍ଧି - ବୈଧତା - ଅଭିଯୁକ୍ତଙ୍କୁ ସମ୍ପୂର୍ଣ୍ଣ ଭାବରେ ପରୀକ୍ଷା କରିବାରେ ବିଫଳତା - ଯେତେବେଳେ ବିଚାରଣ ବ୍ୟର୍ଥ ହୁଏ – ଅଭିଯୁକ୍ତଙ୍କୁ ପ୍ରତିକୂଳ ପ୍ରଭାବର ଆବଶ୍ୟକତା*

ଅନ୍ୟଜଣଙ୍କୁ ଗୁରୁତର ଘାତ ପହଞ୍ଚାଇଥିବା ଆବେଦନକାରୀଙ୍କୁ ଭାରତୀୟ ପିଙ୍ଗଳ ସଂହିତାର ଧାରା 307 ଅନୁଯାୟୀ ଦୋଷାରୋପିତ କରାଯାଇଥିଲା କିନ୍ତୁ ପିଙ୍ଗଳ ସଂହିତାର ଧାରା 326 ଅଧୀନରେ ବିଚାରକମଣ୍ଡଳୀ ତାଙ୍କୁ ଦୋଷୀସାବ୍ୟସ୍ତ କରି ସିଦ୍ଧାନ୍ତଯୋଗ୍ୟ ମତ ପ୍ରଦାନ କରିଥିଲେ, ଏବଂ ଦୌରା ନ୍ୟାୟାଧୀଶ ଉକ୍ତ ନିର୍ଣ୍ଣୟ ଅଧିମତକୁ ଗ୍ରହଣ କରି, ତାଙ୍କୁ ଧାରା 326 ଅଧୀନରେ ଦୋଷୀ ସାବ୍ୟସ୍ତ କରିଥିଲେ । ଯେହେତୁ ଧାରା 307 ଅଧୀନସ୍ଥ ଅପରାଧ ସମ୍ପର୍କିତ ଧାରା 326 ଅନୁଯାୟୀ ଅପରାଧଟି ଗୌଣ ନଥିଲା, ଏହା ଯୁକ୍ତି କରାଯାଇଥିଲା ଯେ ଦୋଷସିଦ୍ଧିଟି ବେଆଇନ ଥିଲା । ନିର୍ଣ୍ଣିତ ହେଲା ଯେ, ଯେହେତୁ ଏହି ମାମଲାର ତଥ୍ୟଗୁଡ଼ିକ ଉପରେ ବିଚାର କରି ଦୌରା ନ୍ୟାୟାଧୀଶ ଆବେଦନକାରୀଙ୍କୁ ବିକଳ୍ପ ରୂପେ ସଂହିତାର ଧାରା 307 ଏବଂ 326 ଅନୁଯାୟୀ ଦୋଷାରୋପିତ କରିପାରିବେ, ତେଣୁ ଏହି ମାମଲା ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 237 ଅଧୀନରେ ଅନ୍ତର୍ଭୁକ୍ତ ଥିଲା ଏବଂ ପିଙ୍ଗଳ ସଂହିତାର ଧାରା 326 ଅନୁଯାୟୀ ଦୋଷସିଦ୍ଧି ଯଥାର୍ଥ ଥିଲା, ଯଦିଓ ଏହି ଧାରା ଅନୁଯାୟୀ କୌଣସି ଦୋଷାରୋପ ହୋଇ ନଥିଲା ।

*ବେଗୁ* ବନାମ *ରାଜା ସମ୍ରାଟ* (52 I.A. 191) ପ୍ରଯୁଜ୍ୟ ।

ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 432ରେ ଥିବା ବ୍ୟବସ୍ଥାର ଅଣ-ଅନୁପାଳନ କାରଣରୁ, ଦୋଷସିଦ୍ଧିକୁ ରଦ୍ଦ କରାଯାଇପାରିବ, ଏହି କ୍ରମରେ ଉକ୍ତ ଧାରାର ଆବଶ୍ୟକ ଅନୁଯାୟୀ ଅଭିଯୁକ୍ତଙ୍କୁ କେବଳ ସମ୍ପୂର୍ଣ୍ଣ ପରୀକ୍ଷା କରାଯାଇନଥିଲା ବୋଲି ଦର୍ଶାଇବା ଯଥେଷ୍ଟ ନୁହେଁ ବରଂ ଏହିପରି ପରୀକ୍ଷଣ ବାସ୍ତବରେ ତାଙ୍କୁ ପ୍ରତିକୂଳ ପ୍ରଭାବ ପକାଇଛି ବୋଲି ମଧ୍ୟ ସେ ଦର୍ଶାଇବା ଉଚିତ୍ ।

1951
ବିଜୟ ଚୈଡ଼ ପୋତ୍ରା
ବନାମ
ରାଜ୍ୟ
ନ୍ୟାୟମୂର୍ତ୍ତି ଫଜଲ୍ ଅଲ୍ଲୀ

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 30/1951 । ଫୌଜଦାରୀ ଆବେଦନ ସଂଖ୍ୟା 71/1950 ଏବଂ ପୁନରୀକ୍ଷଣ ସଂଖ୍ୟା 295/1950 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ(ପ୍ରଧାନ ନ୍ୟାୟାଧୀଶ ହରିଶ ଏବଂ ନ୍ୟାୟମୂର୍ତ୍ତି ଲାହିରୀ) 15 ଜୁନ୍, 1950 ର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏସ୍. ଏନ୍. ମୁଖାର୍ଜୀ* ।

ଉତ୍ତରଦାତାଙ୍କ ପକ୍ଷରୁ *ବି. ସେନ୍* ।

1951 ଡିସେମ୍ବର 14 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ଫଜଲ୍ ଅଲ୍ଲୀଙ୍କ ଦ୍ୱାରା- ଭାରତୀୟ ପିଙ୍ଗଳ ସଂହିତାର ଧାରା 326 ଅନୁଯାୟୀ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏବଂ ତାଙ୍କୁ 3 ବର୍ଷ ପାଇଁ କଠୋର କାରାଦଣ୍ଡରେ ଦଣ୍ଡିତ କରି ମିଦନାପୁର ଦୌରା ନ୍ୟାୟାଧୀଶଙ୍କ ଦ୍ୱାରା ପ୍ରଦତ୍ତ ଆଦେଶକୁ ବଜାୟ ରଖି କଲିକତା ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଏହା ଏକ ଆବେଦନ ।

ଆବେଦନକାରୀଙ୍କ ବିରୁଦ୍ଧରେ ଅଭିଯୋଜନ ପକ୍ଷର ମାମଲାକୁ ସଂକ୍ଷିପ୍ତରେ ନିମ୍ନମତେ କୁହାଯାଇପାରେ:- ଆବେଦନକାରୀ ଓ ଆହତ ବ୍ୟକ୍ତି, କୁମଦ ପାତ୍ର, ସମ୍ପର୍କୀୟ ଭାଇ ଅଟନ୍ତି ଏବଂ ସେମାନେ ଅନ୍ଦାରିଆ ନାମକ ଏକ ଗ୍ରାମରେ ରୁହନ୍ତି ଓ ସେମାନଙ୍କର ଘର ପରସ୍ପରଠାରୁ ମାତ୍ର ୩ କିମ୍ବା ୪ ହାତ ଦୂରରେ ରହିଛି । ସେମାନଙ୍କ ଘର ସଂଲଗ୍ନ ଏକ ରାସ୍ତା ଯାହା ଏକ ପୋଖରୀକୁ ଯାଇଥିଲା, ତାକୁ ନେଇ ବିବାଦ ହୋଇଥିଲା, ଏବଂ ସେମାନେ 11 ଜୁଲାଇ, 1949ରେ ଏହାକୁ ନେଇ ଝଗଡ଼ା କରିଥିଲେ । ଦୁଇ ଦିନ ପରେ, ଜୁଲାଇ 13 ତାରିଖରେ ଯେତେବେଳେ କୁମଦ ପାତ୍ର ଗାଁର ପୋଖରୀ କୂଳରେ ହାତ ଧୋଉଥିଲେ, ସେତେବେଳେ ଆବେଦନକାରୀ ପଛରୁ ଆସି ତାଙ୍କୁ 17ଟି ଆଘାତ ଦେଇଥିଲେ, ଯାହାର ଫଳସ୍ୱରୂପ ତାଙ୍କର ଦୁଇଟି ଆଙ୍ଗୁଳି କାଟିବାକୁ ପଡ଼ିଥିଲା ଏବଂ ତାଙ୍କ ବାମ ଆଙ୍ଗୁଠିରୁ ଏକ ଅସ୍ଥି ଖଣ୍ଡ ବାହାର କରିବାକୁ ପଡ଼ିଥିଲା । ପୋଲିସକୁ ସୂଚନା ମିଳିବା ପରେ ସେ ତଦନ୍ତ ଆରମ୍ଭ କରିଥିଲା ଓ ଆବେଦନକାରୀଙ୍କ ବିରୋଧରେ ଦୋଷାରୋପ ଫର୍ଦ୍ଦ ଦାଖଲ କରିଥିଲା, ଯାହାଙ୍କୁ ଶେଷରେ ଦୌରା ଅଦାଲତକୁ ନ୍ୟସ୍ତ କରାଯାଇଥିଲା ଏବଂ ଦୌରା ନ୍ୟାୟାଧୀଶ ଓ ବିଚାରକ ମଣ୍ଡଳୀ ଦ୍ୱାରା ବିଚାରଣ କରାଯାଇଥିଲା । ଭାରତୀୟ ପିଙ୍ଗଳ ସଂହିତାର ଧାରା 307 ଅଧୀନରେ ତାଙ୍କ ବିରୋଧରେ ଦୋଷାରୋପ କରାଯାଇଥିଲା, କିନ୍ତୁ ପିଙ୍ଗଳ ସଂହିତାର ଧାରା 326 ଅନୁଯାୟୀ ବିଚାରକମଣ୍ଡଳୀ ତାଙ୍କୁ ଦୋଷୀ ବୋଲି ସିଦ୍ଧାନ୍ତଯୋଗ୍ୟ ମତ ପ୍ରଦାନ କରିଥିଲେ ଏବଂ ଏହି ନିର୍ଣ୍ଣୟ ଅଧିମତକୁ ଗ୍ରହଣ କରି ମାନ୍ୟବର ଦୌରା ନ୍ୟାୟାଧୀଶ ତାଙ୍କୁ

ପୂର୍ବୋକ୍ତ ଧାରା ଅନୁଯାୟୀ ଦୋଷସିଦ୍ଧି କରିଥିଲେ । ଯେତେବେଳେ ଏହି ମାମଲାଟିକୁ ଉଚ୍ଚ ନ୍ୟାୟାଳୟରେ ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା, ତାଙ୍କ ଦଣ୍ଡ କାହିଁକି ବୃଦ୍ଧି ନହେବା ଉଚିତ୍, ତାର କାରଣ ଦର୍ଶାଇବାକୁ ନେଇ ଆବେଦନକାରୀଙ୍କ ଉପରେ ଏକ ଆଦେଶ ଜାରି କରାଯାଇଥିଲା, କିନ୍ତୁ, ଚୂଡ଼ାନ୍ତ ଶୁଣାଣି ବେଳେ ଏହି ଆଦେଶକୁ ବାତିଲ କରି ଦିଆଯାଇଥିଲା, ତାଙ୍କ ପୁନର୍ବିଚାର ଅବେଦନଟିକୁ ଖାରଜ କରାଯାଇଥିଲା, ଏବଂ ତାଙ୍କ ଦୋଷସିଦ୍ଧି ଏବଂ ମୂଳ ଦଣ୍ଡାଦେଶକୁ ବଜାୟ ରଖାଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ଆମ ସମ୍ମୁଖରେ ନିବେଦନ କରାଯାଇଥିବା ପ୍ରଥମ କଥାଟି ହେଉଛି ଯେ, ଯେହେତୁ ପିଙ୍ଗଳ ସଂହିତାର ଧାରା 326 ଅନୁଯାୟୀ କୌଣସି ଦୋଷାରୋପ ହୋଇନଥିଲା ଏବଂ ସଂହିତାର ଧାରା 307ର ଅପରାଧକୁ ଦୃଷ୍ଟିରେ ରଖି ସେହି ଧାରା ଅନୁସାରେ ଅପରାଧଟି କୌଣସି ଛୋଟ ଅପରାଧ ନଥିଲା, ତେଣୁ ତାଙ୍କୁ ପୂର୍ବ ଧାରା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇପାରିନଥାନ୍ତା । ତେବେ, ଏହି ଯୁକ୍ତି ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 237ର ବ୍ୟବସ୍ଥାକୁ ଅଣଦେଖା କରୁଛି । ଧାରା 23ରେ ପ୍ରସଙ୍ଗକୁ ଉଲ୍ଲେଖ କରିବା ପରେ, ଯାହା ଦର୍ଶାଏ ଯେ ଯେତେବେଳେ ପ୍ରମାଣିତ ହୋଇପାରୁଥିବା ତଥ୍ୟସବୁ ବିବିଧ ଅପରାଧ ମଧ୍ୟରୁ କେଉଁଟି ଗଠନ କରିବ ବୋଲି ଅନିଶ୍ଚିତ ଥାଏ, ସେତେବେଳେ ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ବିକଳ୍ପ ଦୋଷାରୋପ ପ୍ରସ୍ତୁତ କରାଯାଇପାରିବ, ସେହି ଧାରା ନିମ୍ନଲିଖିତ ଭାବରେ ଦର୍ଶାଏ:-

"ଯଦି ... ଅଭିଯୁକ୍ତଙ୍କ ଉପରେ ଗୋଟିଏ ଅପରାଧର ଆରୋପ ଲଗାଯାଇଥାଏ, ଏବଂ ପ୍ରମାଣରୁ ଏହା ଜଣାପଡେ ଯେ ସେ ଏକ ଭିନ୍ନ ଅପରାଧ କରିଛନ୍ତି ଯେଉଁଥିପାଇଁ ସେ ସେହି ଧାରାର ବ୍ୟବସ୍ଥା ଅନୁଯାୟୀ ଦୋଷାରୋପିତ ହୋଇପାରନ୍ତି, ତେବେ ସମ୍ଭବତଃ ଅପରାଧ ଯାହାକି ସେ କରିଛନ୍ତି ବୋଲି ଦର୍ଶାଯାଇଛି, ଏଥିପାଇଁ ସେ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି, ଯଦିଓ ସେ ଏଥିପାଇଁ ଦୋଷାରୋପିତ ହୋଇନଥିଲେ ।"

ଏହି ମାମଲାର ତଥ୍ୟକୁ ନେଇ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପିଙ୍ଗଳ ସଂହିତାର ଧାରା 307 ଓ 326 ଅଧୀନରେ ଦୌରା ନ୍ୟାୟାଧୀଶ ଆବେଦନକାରୀଙ୍କୁ ବିକଳ୍ପ ଦୋଷାରୋପ କରିବା ପାଇଁ ଉନ୍ମୁକ୍ତ ଥିଲେ । ତେଣୁ ଏହି ମାମଲା ସ୍ପଷ୍ଟ ରୂପେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 237 ଅଧୀନସ୍ଥ ଅଟେ, ଏବଂ ଏକ ଦୋଷାରୋପର ଅନୁପସ୍ଥିତିରେ ମଧ୍ୟ ପିଙ୍ଗଳ ସଂହିତାର ଧାରା 326 ଅନୁଯାୟୀ ଆବେଦନକାରୀଙ୍କ ଦୋଷସିଦ୍ଧି ହେବା ଯଥାର୍ଥ ଥିଲା ।

*ବେଗୁ* ବନାମ *ରାଜା ସମ୍ରାଟ* ([1])ରେ ପ୍ରିଭି କାଉନସିଲକୁ ଏକ ମାମଲା ହାତକୁ ନେବାକୁ ପଡିଥିଲା, ଯେଉଁଥିରେ କେତେକ ବ୍ୟକ୍ତିଙ୍କୁ ପିଙ୍ଗଳ ସଂହିତାର ଧାରା 302 ଅନୁଯାୟୀ ଦୋଷାରୋପିତ କରାଯାଇଥିଲା, କିନ୍ତୁ ପ୍ରମାଣ ଲୁଚାଇବା ଅଭିଯୋଗରେ ଧାରା 201 ଅନୁଯାୟୀ ଦୋଷସିଦ୍ଧି କରାଯାଇଥିଲା । ମହାମହିମମାନେ ଦୋଷସିଦ୍ଧିକୁ ବଜାୟ ରଖିଥିଲେ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 237 ପ୍ରସଙ୍ଗରେ ଉଲ୍ଲେଖ କଲାବେଳେ ସେମାନେ ଅବଲୋକନ କହିଥିଲେ:-

"ଜଣେ ବ୍ୟକ୍ତିଙ୍କୁ ଏକ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇପାରେ, ଯଦିଓ ଏହା ସମ୍ବନ୍ଧରେ କୌଣସି ଦୋଷାରୋପ କରାଯାଇନାହିଁ, ଯଦି ତାହା କରାଯାଇଥାଇପାରେ ବୋଲି ଏକ ଆରୋପ ସ୍ଥାପିତ କରିବାକୁ ଏପରି ପ୍ରମାଣ ରହିଥାଏ ...... ନିଃସନ୍ଦେହ ମହାମହିମ ଏହା ବିବେଚନା କରନ୍ତି ଯେ ଏହି ପ୍ରକ୍ରିୟା ଏକ ଉପଯୁକ୍ତ ପ୍ରକ୍ରିୟା ଥିଲା ଏବଂ ଯାହା ଦଣ୍ଡ ପ୍ରକ୍ରିୟା ସଂହିତା ଦ୍ୱାରା ସମର୍ଥିତ ଥିଲା ।"

ଆବେଦନକାରୀଙ୍କ ତରଫରୁ ଅନୁରୋଧ କରାଯାଇଥିବା ଦ୍ୱିତୀୟ ବିଷୟଟି ହେଉଛି ଯେ, ଉଚ୍ଚ ନ୍ୟାୟାଳୟ ଦଣ୍ଡକୁ ଅଧିକ କଠୋର କରିବା ପାଇଁ ଏକ ନିର୍ଣ୍ଣୟ କରିଥିବାରୁ, ତାଙ୍କୁ ମାମଲାର ଉତ୍କର୍ଷତା ଉପରେ ଯୁକ୍ତି କରିବାକୁ ଅନୁମତି ଦିଆଯିବା ଉଚିତ୍ ଥିଲା, ଯାହା କରିବାକୁ ତାଙ୍କୁ ଅନୁମତି ଦିଆଯାଇନଥିଲା । କିନ୍ତୁ ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଓକିଲ ଏହା ଦେଖାଇବାରେ ଅସମର୍ଥ ଥିଲେ ଯେ, ଯଦି ତାଙ୍କୁ ମାମଲାର ଉତ୍କର୍ଷତା ଉପରେ ଯୁକ୍ତି ଉପସ୍ଥାପନ କରିବାର ସୁଯୋଗ ମିଳିଥାନ୍ତା, ତେବେ ନିର୍ଣ୍ଣୟ ଅନ୍ୟଥା ହୋଇଥାନ୍ତା । ତାଙ୍କ ଦ୍ୱାରା କେବଳ ତିନୋଟି ଯୁକ୍ତି ଉପସ୍ଥାପିତ ହୋଇଥିଲା, ସେଗୁଡ଼ିକ ହେଲା:-

(1) ଯେ ଅନେକ ଭୌତିକ ସାକ୍ଷୀଙ୍କୁ ପରୀକ୍ଷା କରାଯାଇ ନଥିଲା;

(2) ବିଚାରକ ମଣ୍ଡଳୀଙ୍କ ସମ୍ମୁଖରେ ଆବେଦନକାରୀଙ୍କ ମାମଲା ନ୍ୟାୟସଙ୍ଗତ ଭାବେ ଉପସ୍ଥାପିତ ହୋଇନଥିଲା; ଏବଂ

(3) ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 342 ଅନୁଯାୟୀ ଆବେଦନକାରୀଙ୍କ କୌଣସି ଉପଯୁକ୍ତ ପରୀକ୍ଷା ହୋଇନଥିଲା ।

ଆମେ ଏହିସବୁ ଯୁକ୍ତିର ତର୍ଜମା କରିଛୁ ଏବଂ ଜାଣିବାକୁ ପାଇଛୁ ଯେ ସେଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଗୁଣବତ୍ତା ବିହୀନ । ନିଜର ପ୍ରଥମ ଯୁକ୍ତିର ନିବେଦନ ବେଳେ ବିଜ୍ଞ ଓକିଲ କହିଥିଲେ ଯେ,

[1] (1925) 52 I.A. 191.

ଯଦିଓ ଏହା ସ୍ୱୀକାର କରାଯାଇଥିଲା କି ଯେଉଁଠାରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି ସେହି ପୋଖରୀର ପୂର୍ବ, ଉତ୍ତର ଏବଂ ଉତ୍ତର-ପଶ୍ଚିମରେ ଅନେକ ବ୍ୟକ୍ତିଙ୍କର ଘର ରହିଛି , କିନ୍ତୁ ଅଭିଯୋଜନ ପକ୍ଷ ଦ୍ୱାରା ସେମାନଙ୍କର କୌଣସି ଯାଞ୍ଚ କରାଯାଇନାହିଁ । ସେ ଆହୁରି ମଧ୍ୟ ଯୁକ୍ତି ବାଢ଼ିଥିଲେ ଯେ ଅଭିଯୁକ୍ତଙ୍କ ଘରେ ତନଖି ବେଳେ, ଉପସ୍ଥିତ ଥିବା ଜଣେ ଶରତ ଚନ୍ଦ୍ର ଘୋଷଙ୍କୁ ମଧ୍ୟ ପରୀକ୍ଷା କରାଯାଇ ନାହିଁ । ଯେହେତୁ ସେହି ବ୍ୟକ୍ତିମାନେ ଘଟଣାଟିକୁ ଦେଖିଥିଲେ ବୋଲି ଦର୍ଶାଇବା ପାଇଁ କୌଣସି ପ୍ରମାଣ ନାହିଁ, ତେଣୁ ଏହି ଯୁକ୍ତିଗୁଡ଼ିକର ଦୃଢତା କ୍ଷୀଣ ଅଟେ, ଏବଂ ଅଭିଯୋଜନ ପକ୍ଷ ଦ୍ୱାରା ଉପସ୍ଥାପିତ କରାଯାଇଥିବା ପ୍ରମାଣ, ଯଦି ଏହା ବିଶ୍ୱାସ କରାଯାଏ, ତେବେ ଏହା ଆବେଦନକାରୀଙ୍କ ଦୋଷସିଦ୍ଧିକୁ ସମର୍ଥନ କରିବା ପାଇଁ ଯଥେଷ୍ଟ ଥିଲା, ମାତ୍ର ଏହି ତଥ୍ୟକୁ ମଧ୍ୟ ସେମାନେ ଧ୍ୟାନ ଦେଲେ ନାହିଁ । ବିଚାରକ ମଣ୍ଡଳୀଙ୍କୁ ପରାମର୍ଶ ବେଳେ ଦୌରା ନ୍ୟାୟାଧୀଶ ନିର୍ଦ୍ଦିଷ୍ଟ ଭାବେ ଆମ ସମ୍ମୁଖରେ ଉପସ୍ଥାପିତ ଯୁକ୍ତିର ପ୍ରସଙ୍ଗ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ସେ ବିଚାରକ ମଣ୍ଡଳୀର ବିଚାରପତିମାନଙ୍କୁ କହିଥିଲେ ଯେ ଯଦି ସେମାନେ ଅଭିଯୋଜନ ବିରୋଧରେ ଏକ ନିର୍ଣ୍ଣୟ ନେବାକୁ ଉପଯୁକ୍ତ ବୋଲି ଭାବନ୍ତି ତେବେ ସେମାନଙ୍କ ପାଇଁ ଏହା ଉନ୍ମୁକ୍ତ ଅଟେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ପ୍ରସଙ୍ଗରେ ବିଚାରକ ମଣ୍ଡଳୀର ବିଚାରପତିମାନେ ସଠିକ ଭାବେ ନିର୍ଣ୍ଣିତ କରିବା ସ୍ଥିତିରେ ଥିଲେ ଏବଂ ସେମାନେ ସୁସ୍ପଷ୍ଟ ଭାବେ ଭାବିଥିଲେ ଯେ, ସେମାନଙ୍କ ନିକଟରେ ଥିବା ପ୍ରମାଣ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ଥିଲା ।

ଆବେଦନକାରୀଙ୍କ ତରଫରୁ ନିବେଦନ କରାଯାଇଥିବା ଦ୍ୱିତୀୟ ଯୁକ୍ତିଟି ତାଙ୍କ ପ୍ରତିରକ୍ଷା ସହିତ ଜଡ଼ିତ, ଯାହା ସଂକ୍ଷେପରେ କୁହାଗଲେ, ତାଙ୍କ ଅସ୍ଥାୟୀ ଅନୁପସ୍ଥିତି ସମୟରେ ଆହତ ବ୍ୟକ୍ତି, କୁମଦ ପାତ୍ର ତାଙ୍କ ଘରକୁ ପ୍ରବେଶ କରିଥିଲେ, ତାଙ୍କ ଯୁବତୀ ପତ୍ନୀଙ୍କ ଶୟନ କକ୍ଷକୁ ଯାଇଥିଲେ, ଏବଂ ତାଙ୍କ ଉପରେ ଅଶୋଭନୀୟ ଆକ୍ରମଣ ଉଦ୍ୟମ କରିଥିଲେ ଏବଂ ଏହି ପରିସ୍ଥିତିରେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଏହି କାହାଣୀ କୌଣସି ପ୍ରମାଣ ଦ୍ୱାରା ସମର୍ଥିତ ନଥିଲା ବରଂ ଜେରା ସମୟରେ କେବଳ ପ୍ରସ୍ତାବିତ ଥିଲା, ଏବଂ ତାଙ୍କ ଦାୟିତ୍ୱରେ ଥିବା ବିଚାରକ ମଣ୍ଡଳୀକୁ ଏହା ପଠାଇବା ବେଳେ ଦୌରା ନ୍ୟାୟାଧୀଶ ମନ୍ତବ୍ୟ ଦେଇଥିଲେ :-

"ଯଦି ମୋତେ ଏକୁଟିଆ ଛାଡ଼ିଦିଆଯାଇଥାଆନ୍ତା, ତେବେ ମୁଁ ପ୍ରତିରକ୍ଷା ପକ୍ଷର କଥନକୁ ବିଶ୍ୱାସ କରିନଥାନ୍ତି । କିନ୍ତୁ ଆପଣ ମୋ ମତକୁ ଗ୍ରହଣ କରିବା ପାଇଁ ବାଧ୍ୟ ନୁହନ୍ତି, କିମ୍ବା ଆପଣ ଏହା ଦ୍ୱାରା ପ୍ରଭାବିତ ହେବା ଉଚିତ୍ ନୁହେଁ । ଏହା ଆପଣଙ୍କୁ ସ୍ଥିର କରିବାକୁ ହେବ ଯେ ଆପଣ

ସେହି ପ୍ରତିରକ୍ଷା ପ୍ରସ୍ତାବକୁ ଗ୍ରହଣ କରିବେ କି ନାହିଁ, ଯାହା ସପକ୍ଷରେ କୌଣସି ସକାରାତ୍ମକ ପ୍ରମାଣ ନାହିଁ ।"

ଦୌରା ନ୍ୟାୟାଧୀଶ ନିଃସନ୍ଦେହରେ ପ୍ରତିରକ୍ଷା ପ୍ରସ୍ତାବକୁ ନେଇ କିଛିଟା ଦୃଢ଼ତାର ସହ ମତବ୍ୟକ୍ତ କରିଥିଲେ, କିନ୍ତୁ ବିଚାରକ ମଣ୍ଡଳୀର ବିଚାରପତିମାନଙ୍କୁ ଉପଯୁକ୍ତ ଚେତାବନୀ ସହିତ ସେ ତାଙ୍କର ମନ୍ତବ୍ୟ ଦେଇଥିଲେ, ଯାହା ଆମେ ଭାବୁଛୁ ଯେ ସେ କରିବା ପାଇଁ ହକଦାର, ଯେ ସେମାନେ ତାଙ୍କ ମତକୁ ଗ୍ରହଣ କରିବା ଏବଂ ଏହା ଦ୍ୱାରା ପ୍ରଭାବିତ ହେବା ପାଇଁ ବାଧ୍ୟ ନୁହଁନ୍ତି । ବିଚାରକ ମଣ୍ଡଳୀ ପ୍ରତିରକ୍ଷା କଥନକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନଥିରେ ଥିବା ତଥ୍ୟକୁ ଆଧାର କରି ଯେ କୌଣସି ନ୍ୟାୟାଳୟ ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥାନ୍ତେ ।

ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଦ୍ୱାରା ଉପସ୍ଥାପିତ ଶେଷ ଯୁକ୍ତିଟି ଥିଲା ଯେ, ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 342ରେ ଥିବା ଆଇନର ଆବଶ୍ୟକତା ଅନୁଯାୟୀ ତାଙ୍କୁ ପରୀକ୍ଷା କରାଯାଇ ନଥିଲା । ଏହା ଜଣାପଡୁଛି ଯେ, ଅଭିଯୋଜନ ପକ୍ଷର ସାକ୍ଷ୍ୟ ସମାପ୍ତି ପରେ ଦୌରା ନ୍ୟାୟାଧୀଶ ଆବେଦନକାରୀଙ୍କୁ ତିନୋଟି ପ୍ରଶ୍ନ ପଚାରିଥିଲେ । ପ୍ରଥମ ପ୍ରଶ୍ନରେ ଦୌରା ନ୍ୟାୟାଧୀଶ ତାଙ୍କ ବିରୋଧରେ ଉପସ୍ଥାପିତ ପ୍ରମାଣ ବିଷୟରେ ତାଙ୍କର ପ୍ରତିରକ୍ଷା କ'ଣ ବୋଲି ଆବେଦନକାରୀଙ୍କୁ ପଚାରିଥିଲେ; ଦ୍ୱିତୀୟ ପ୍ରଶ୍ନରେ ନ୍ୟାୟାଧୀଶ ଉକ୍ତ ରାସ୍ତା ସମ୍ବନ୍ଧୀୟ ବିବାଦକୁ ଉଲ୍ଲେଖ କରିଥିଲେ ଏବଂ ଆବେଦନକାରୀଙ୍କୁ ପଚାରିଥିଲେ ଯେ ସେ କୁମଦ ପାତ୍ରଙ୍କୁ ଆଘାତ ଦେଇଥିଲେ କି; ଏବଂ ତୃତୀୟ ପ୍ରଶ୍ନରେ ଆବେଦନକାରୀଙ୍କୁ ପଚରାଯାଇଥିଲା ଯେ ସେ କୌଣସି ପ୍ରମାଣ ଉପସ୍ଥାପନ କରିବେ କି । ଏହି ମାମଲାର ତଥ୍ୟଗୁଡ଼ିକ କୌଣସି ଜଟିଳତା ଠାରୁ ମୁକ୍ତ ହୋଇଥିବାରୁ ଏବଂ ବିବାଦରେ ଥିବା ପ୍ରସଙ୍ଗଗୁଡିକ ସରଳ ହୋଇଥିବାରୁ, ଏହି ନିର୍ଦ୍ଦିଷ୍ଟ ମାମଲାରେ ଆବେଦନକାରୀଙ୍କ ପରୀକ୍ଷା ଯଥେଷ୍ଟ ନଥିଲା ବୋଲି ସିଦ୍ଧାନ୍ତ କରିବା ଆମ ପାଇଁ କଷ୍ଟକର ଅଟେ । ଏପରି ଏକ ଉପସ୍ଥାପିତ ଯୁକ୍ତିକୁ ବଜାୟ ରଖିବା ପାଇଁ କେବଳ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 342ର ଆବଶ୍ୟକତା ଅନୁଯାୟୀ ଅଭିଯୁକ୍ତଙ୍କ ସମ୍ପୂର୍ଣ୍ଣ ପରୀକ୍ଷଣ କରାଯାଇନାହିଁ ବୋଲି ଦର୍ଶାଇବା ଯଥେଷ୍ଟ ନୁହେଁ, ବରଂ ଏହିପରି ପରୀକ୍ଷା ଦ୍ୱାରା ତାଙ୍କୁ ବସ୍ତୁତଃ ପକ୍ଷପାତର ପ୍ରଭାବ ପଡିଛି ବୋଲି ଦର୍ଶାଇବା ଆବଶ୍ୟକ । ବର୍ତ୍ତମାନର ମାମଲାରେ, ଏହା ପ୍ରତୀୟମାନ ହେଉଛି ଯେ ଏଠାରେ ନିବେଦନ କରାଯାଇଥିବା ପ୍ରସଙ୍ଗ ଉଚ୍ଚ ନ୍ୟାୟାଳୟରେ ଆବେଦନର ଆଧାରରେ ଉତ୍ଥାପନ କରାଯାଇନଥିଲା, କିମ୍ବା ଏହି ନ୍ୟାୟାଳୟରେ ଦାୟର ହୋଇଥିବା ମାମଲାର ବିବୃତ୍ତି କିମ୍ବା

ଆବେଦନର ଆଧାରରେ ସ୍ଥାନ ପାଇନାହିଁ । କୌଣସି ସ୍ଥାନରେ ଏହା ଦର୍ଶାଯାଇନାହିଁ ଯେ ଅଭିଯୁକ୍ତ କୌଣସି ପ୍ରକାରେ ପକ୍ଷପାତିତାର ଶିକାର ହୋଇଥିଲେ ଏବଂ ସେ ପକ୍ଷପାତିତାର ଶିକାର ହୋଇଥିଲେ କିମ୍ବା ହୋଇଥାଇପାରନ୍ତି ବୋଲି ଦର୍ଶାଇବା ପାଇଁ ଆମ ପାଖରେ କୌଣସି ତଥ୍ୟ ନାହିଁ । ଆମେ ବିଚାରକ ମଣ୍ଡଳୀଙ୍କୁ ଦୌରା ନ୍ୟାୟାଧୀଶଙ୍କ ଦାୟିତ୍ୱ ଅର୍ପଣ ସମ୍ବନ୍ଧରେ ପଠନ କରିଛୁ, ଯାହା ଏକ ଅତ୍ୟନ୍ତ ନିରପେକ୍ଷ ଏବଂ ସମ୍ପୂର୍ଣ୍ଣ ଦାୟିତ୍ୱ ଅଟେ, ଏବଂ ବିଚାରପତିଙ୍କ ନିର୍ଣ୍ଣୟ ଅଧିମତକୁ ଗ୍ରହଣ କରାଯିବା ଉଚିତ ନୁହେଁ ବୋଲି ସିଦ୍ଧାନ୍ତକୁ ପ୍ରତିପାଦନ କରିବା ପାଇଁ ଆମକୁ କିଛି ଦର୍ଶାଯାଇନାହିଁ ।

ତଦନୁସାରେ ଏହି ପୁନର୍ବିଚାର ପାଇଁ ଆବେଦନଟି ବିଫଳ ହୋଇଛି ଏବଂ ଖାରଜ ହୋଇଛି ।

*ଆବେଦନ ଖାରଜ ହେଲା ।*

ଆବେଦନକାରୀଙ୍କ ପାଇଁ ପ୍ରତିନିଧି : *ପି. କେ. ଚାଟାର୍ଜୀ ।*

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି : *ପି. କେ. ବୋଷ* ଙ୍କ ପାଇଁ *ଆଇ. ଏନ୍. ଶ୍ରଫ୍ ।*

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ